**ଟ୍ରକ୍-କାର୍ ଧକ୍କା**

କାମାକ୍ଷାନଗର,(ସୁଧୀର କୁମାର ପରିଡ଼ା)- କାମାକ୍ଷାନଗର ଥାନା ଜିରିଡାମାଳି ଜାତୀୟ ରାଜପଥ ୫୩ ନଂ.ବାଇପାସ ନିକଟରେ ମଙ୍ଗଳବାର ଏକ ଟ୍ରକ ଓ କାର୍ ଧକ୍କା ହୋଇଛି। କାର୍‌ରେ ଥିବା କଙ୍କଡାହାଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଗର କୁମାର ଗୁଡୁ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ପୋଲିସ କହିଛି, ଦୁର୍ଘଟଣାରେ କାର ଭାଙ୍ଗି ଯାଇଥିବାବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ ସହ ତଦନ୍ତ ଜାରି ରହିଛି।

# ଲ୍ୟାମ୍ପ୍ ଲାଇଟ୍ କିଣା ପ୍ରକ୍ରିୟାରେ ଦୁର୍ନୀତି ଗନ୍ଧ

## ପେମେଣ୍ଟ ବନ୍ଦ, ଅଡିଟ୍ କରିବ ନଗର ଉନ୍ନୟନ ବିଭାଗ

ଢେଙ୍କାନାଳ,୧୪।୧୧(ରତନ ନାୟାର)

ଢେଙ୍କାନାଳ ପୌରସଂସ୍ଥାରେ କିଛିବର୍ଷ ହେଲା ଲାଇଟ କିଣାରେ ଦୁର୍ନୀତି ଘଟଣା ବଢ଼ିବାରେ ଲାଗିଛି। ଅତୀତରେ ଲାଇଟ୍ କିଣାକୁ ନେଇ ଭିଜିଲାନ୍ସ ତଦନ୍ତ ମଧ୍ୟ ହୋଇଥିଲା। ଏପରି କି ପୌରସଂସ୍ଥାରେ ହୋଲଡିଂ ଟ୍ୟାକ୍ସ ରସିଦ ବହି ହଜିବାଠୁ ଆରମ୍ଭ କରି ଲାଇଟ୍ କିଣାରେ ହୋଇଥିବା ଦୁର୍ନୀତି ଅଡିଟ୍‌ରେ ଧରାପଡିବାରୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯିବା ସହିତ ଜଣେ କର୍ମଚାରୀଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଛି। ଏଭଳି ଦୁର୍ନୀତିଗୁଡ଼ିକର ତଦନ୍ତ ଜାରି ରହିଥିବା ବେଳେ ପୌରାଞ୍ଚଳର ସୌନ୍ଦର୍ଯ୍ୟକରଣ ପାଇଁ ପୌରସଂସ୍ଥା ପକ୍ଷରୁ ସହରର ପ୍ରମୁଖ ରାସ୍ତାର ଦୁଇ ପାର୍ଶ୍ୱରେ ଲଗାଯାଇଥିବା ଲ୍ୟାମ୍ପ ଲାଇଟ୍ କିଣାରେ ଦୁର୍ନୀତିର ଗନ୍ଧ ବାରି ହେବାରୁ ନିର୍ବାହୀ ଅଧିକାରୀ ଏ ସଂକ୍ରାନ୍ତୀୟ ପେମେଣ୍ଟକୁ ବନ୍ଦ କରିଦେଇଥିବା ସୂଚନା ମିଳିଛି। ଏହି ଅଭିଯୋଗକୁ ନେଇ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଅଡିଟ୍ ଟିମ୍ ଆସି ଏହାର ଅଡିଟ୍ କରିବେ ବୋଲି ମଙ୍ଗଳବାର ଜଣାପଡିଛି।


ସହରରେ ଲାଗିଥିବା ଲ୍ୟାମ୍ପ ଲାଇଟ୍ ।

କିଛିଦିନ ତଳେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ପ୍ରାୟ ୯୫ ଲକ୍ଷ ଟଙ୍କାର ଲ୍ୟାମ୍ପ ଲାଇଟ୍ କିଣାଯାଇ ସହରର ରାମେଶ୍ୱରପୁର ଓଭରବ୍ରିଜ୍ ଠାରୁ ପ୍ରମୁଖ ରାସ୍ତା ଦେଇ ବଳରାମ ମନ୍ଦିର ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଲଗାଯାଇଛି। ଏହି ଲାଇଟ୍ କିଣାରେ ଟେଣ୍ଡର ପ୍ରକ୍ରିୟା ନିୟମ ଅନୁଯାୟୀ ହୋଇ ନ ଥିବା ଅଭିଯୋଗ ହୋଇଛି। ସେହିପରି କୋଟେଶନ ଆଧାର ଉପରେ ଏହା କିଣା ହୋଇଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ଯେଉଁ ସଂସ୍ଥା ଏହି ଲାଇଟ୍ ପ୍ରଦାନ କରିଥିଲା, ତାକୁ ପୌରସଂସ୍ଥା ପକ୍ଷରୁ ପେମେଣ୍ଟ ଦେବା ପାଇଁ ପ୍ରସ୍ତୁତ ହୋଇଥିବା ଫାଇଲକୁ ଅନୁଧ୍ୟାନ କରାଗଲାପରେ ପୌର ନିର୍ବାହୀ ଅଧିକାରୀ ପେମେଣ୍ଟ ବନ୍ଦ କରି ରଖିବାରୁ ଏହି ଘଟଣା ପଦାକୁ ଆସିଛି। ପୌରସଂସ୍ଥାରେ ବିଜେଡି ଓ ଭାଜପା ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଥିବା ବେଳେ ଲାଇଟ୍ ପ୍ରଦାନକାରୀ ସଂସ୍ଥାକୁ ପେମେଣ୍ଟ କରାଗଲେ ଏହାକୁ ନେଇ ବିଜେଡି ମୁହଁ ଖୋଲିବ ବୋଲି ଦଳର ଜଣେ କାଉନସିଲର ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଢେଙ୍କାନାଳ ପୌରସଂସ୍ଥାରେ ଭାଜପା ନଗରପାଳ ପଦବୀ ହାସଲ କରିଥିବା ବେଳେ ବିଜେଡି ଉପନଗରପାଳ ପଦବୀ ଦଖଲ କରିଛି। ଫଳରେ ଅଧିକାଂଶ କାର୍ଯ୍ୟରେ ଉଭୟ ଦଳ ମଧ୍ୟରେ ଛକାପଞ୍ଝା ଜାରି ରହିଛି। ଲ୍ୟାମ୍ପ ଲାଇଟ୍ କିଣାରେ ଦୁର୍ନୀତିର ଗନ୍ଧ ସମ୍ପର୍କରେ ସାଧାରଣ ଚର୍ଚ୍ଚା ହେବା ସହିତ ଏହା ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେବାରେ ଲାଗିଛି। ଏ ସଂକ୍ରାନ୍ତରେ ପୌରସଂସ୍ଥାରେ ୨ଜଣ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ତଥ୍ୟରେ ତାଳମେଳ ରହୁନାହିଁ। ସେମାନେ ପରସ୍ପର ଉପରେ ଦୋଷ ଲଦି ଚାଲିଛନ୍ତି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ କହିଛନ୍ତି, ଲ୍ୟାମ୍ପ ଲାଇଟ୍ କିଣାରେ କୋଟେଶନ ହେଇଛି କି କ'ଣ ହେଇଛି, ତାହା ଅଡିଟ ଟିମ୍ ଆସି ଅଡିଟ୍ କରିବା ପରେ ଜଣାପଡିବ। ଏ ସଂକ୍ରାନ୍ତରେ ଅଭିଯୋଗ ହୋଇଥିଲା। ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଅଡିଟ୍ ଟିମ ଆସି ଅଡିଟ୍ କରିବେ। ଅଡିଟ୍ ରିପୋର୍ଟ ମିଳିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡିବ।

# ଟିଗିରିଆ ପୋଲିସ ପକ୍ଷରୁ ଢେଙ୍କାନାଳରେ ତଦନ୍ତ

## ଏଟିଏମ୍ ଭ୍ୟାନ୍‌ରୁ ଟଙ୍କା ଲୁଟ୍ ଘଟଣା

ଢେଙ୍କାନାଳ,୧୪।୧୧(ରତନ ନାୟାର)

କଟକ ଜିଲା ଆଠଗଡ ଉପଖଣ୍ଡ ଟିଗିରିଆ ଥାନା ଅଞ୍ଚଳରୁ ଏକ ଏଟିଏମ୍ ଭ୍ୟାନ୍‌ରୁ ୧ କୋଟିରୁ ଅଧିକ ଟଙ୍କା ଲୁଟ୍ ଘଟଣାରେ ଫେରାର ଦୁର୍ବୃତ୍ତମାନେ ବର୍ତ୍ତମାନ ସୁଦ୍ଧା ଧରାପଡିନାହାନ୍ତି। ସେମାନଙ୍କୁ ଧରିବା ପାଇଁ ଟିଗିରିଆ ପୋଲିସ ୨ଦିନ ହେବ ଢେଙ୍କାନାଳ ଜିଲାର ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ପୋଲିସ ସହାୟତାରେ ଜୋର୍‌ଦାର ତଦନ୍ତ ଜାରି ରଖିଛି। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶରେ ଢେଙ୍କାନାଳ ଜିଲା ପୋଲିସ ଲୁଟ୍ ମାମଲାର ପର୍ଦ୍ଦାଫାଶ୍ ପାଇଁ ଟିଗିରିଆ ପୋଲିସକୁ ସହାୟତା କରୁଛି। ଟିଗିରିଆ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ଢେଙ୍କାନାଳର ବିଭିନ୍ନ ଜାଗାରେ ସନ୍ଦିଗ୍ଧ ଲୋକଙ୍କୁ ପଚରାଉଚରା କରୁଛନ୍ତି। ଏହି ଘଟଣାରେ ଢେଙ୍କାନାଳ ଜିଲାର ମଧ୍ୟ କିଛି ଅପରାଧୀ ସମ୍ପୃକ୍ତ ଥିବାର ସନ୍ଦେହ କରାଯାଉଛି।

# ଜେଲ୍ ଫାର୍ମାସିଷ୍ଟ ଗିରଫ

## ହତ୍ୟା ଅଭିଯୁକ୍ତଙ୍କୁ ହତ୍ୟା ଘଟଣା

### ଚୋରା ବନ୍ଧୁକ କାରବାରରେ ଥିଲା ସମ୍ପୃକ୍ତି

କାମାକ୍ଷାନଗର,୧୪।୧୧
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ବାରୁଆ (କା) ପଞ୍ଚାୟତ ସମିତି ସଭ୍ୟ ଦୀପକ ମାହୁନ୍ତଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କନ୍ତିଓପୁଟସାହି ଗ୍ରାମର ନୀର ଓରଫ ନିରାକାର ସାହୁଙ୍କ ହତ୍ୟା ଘଟଣାରେ ଗିରଫଦାରି ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ହତ୍ୟା ଘଟଣାର ତଦନ୍ତ କରୁଥିବା କାମାକ୍ଷାନଗର ପୋଲିସ ସୋମବାର କାମାକ୍ଷାନଗର ଉପଖଣ୍ଡ ଉପକାରାଗାରର ଫାର୍ମାସିଷ୍ଟ ସୁବାସ ନାୟକଙ୍କୁ ଗିରଫ କରିଛି। ସୁବାସ ଚୋରା ବନ୍ଧୁକ କାରବାରରେ ସମ୍ପୃକ୍ତ ଥିଲେ ବୋଲି ପୋଲିସ ସୂଚନା ଦେଇଛି।

ପ୍ରକାଶ ଯେ, ସେପ୍ଟେମ୍ବର ୨୮ରେ ଆଳତୁମା ଗ୍ରାମ ମାଳବନ୍ଧ ରେଲୱେ ବ୍ରିଜ ସଉରିଆ ଆମ୍ବତୋଟା ନିକଟରୁ ନୀରଙ୍କ ଗୁଳିବିଦ୍ଧ ମୃତଦେହ ପୋଲିସ ଜବତ କରିଥିଲା। ଏହି ମାମଲାରେ ନୀରଙ୍କୁ ହତ୍ୟା କରିବାକୁ ସୁପାରି ଦେଇଥିବା ସମିତି ସଭ୍ୟ ଦୀପକଙ୍କ ପୁଅ ଦିବ୍ୟଦର୍ଶନଙ୍କୁ ପୂର୍ବରୁ ପୋଲିସ ଗିରଫ କରିଥିବା ବେଳେ ଗତ ରବିବାର ରାତିରେ ୨ ସୁପାରିକିଲର ରାକେଶ ନାଥ ଓ ସହଯୋଗୀ ଦେବ ବ୍ରଜଙ୍କୁ


ଗିରଫ ଫାର୍ମାସିଷ୍ଟ ସୁବାସ ନାୟକ।

ମୟୂରଭଞ୍ଜରୁ ଗିରଫ କରିବାରେ ସଫଳ ହୋଇଥିଲା। ସମ୍ପୃକ୍ତ ସୁପାରିକିଲରଙ୍କ ତଥ୍ୟ ଆଧାରରେ ପୋଲିସ ସୋମବାର ରାତିରେ କାମାକ୍ଷାନଗର ଉପକାରାଗାରର ଫାର୍ମାସିଷ୍ଟ ସୁବାସଙ୍କୁ ଗିରଫ କରିବା ସହ ତାଙ୍କଠାରୁ ବହୁ ତଥ୍ୟ ସଂଗ୍ରହ କରିଛି। ସୁବାସ ଜେଲ ଭିତରେ ସମସ୍ତ ଅପରାଧୀଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ସୁପାରିକିଲର ରାକେଶ ସହଯୋଗରେ ଚୋରା ବନ୍ଧୁକ କାରବାରରେ ଲିପ୍ତ ଥିବା ପୋଲିସ ପ୍ରକାଶ କରିଛି।

# ନାମାଙ୍କନପତ୍ର ଦାଖଲ କଲେ ସନ୍ଦୀପ

## ଡିସେମ୍ବର ୧ରେ ଜିଲା ଯୋଜନା କମିଟି ସଦସ୍ୟ ନିର୍ବାଚନ

ଢେଙ୍କାନାଳ,୧୪।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ପ୍ଲାନିଂ ଓ ମନିଟରିଂ ୟୁନିଟ୍‌ର ନିର୍ବାଚନ ଆସନ୍ତା ଡିସେମ୍ବର ୧ ତାରିଖରେ ବିଭାଗୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। କମିଟିର ସଦସ୍ୟ ପାଇଁ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ଢେଙ୍କାନାଳ ପୌରସଂସ୍ଥାର ୬ନଂ ୱାର୍ଡ କାଉନସିଲର ସନ୍ଦୀପ ଷଡଙ୍ଗୀ ସୋମବାର ବିଭାଗୀୟ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ନିର୍ବାଚନରେ ଢେଙ୍କାନାଳ ପୌର ପରିଷଦ ସମେତ କାମାକ୍ଷାନଗର, ହିନ୍ଦୋଳ ଓ ଭୁବନ ଏନ୍‌ଏସିର କାଉନସିଲରମାନେ ଭାଗନେବେ ବୋଲି ଜଣାପଡିଛି।


ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ସନ୍ଦୀପ ଷଡଙ୍ଗୀ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

# ଡିପିଏସ୍‌ରେ ଶିଶୁ ଦିବସ

ଢେଙ୍କାନାଳ,୧୪।୧୧(ରତନ ନାୟାର)

ଢେଙ୍କାନାଳସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍) ପରିସରରେ ମଙ୍ଗଳବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପକ୍ଷରୁ ଏକ ପ୍ରଦର୍ଶନୀ ମେଳା ଆୟୋଜିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ସାହୁ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ଓଡ଼ିଆ, ଇଂଲିଶ, ସଂସ୍କୃତ, ହିନ୍ଦୀ ଓ ବୈଷୟିକ ବିଜ୍ଞାନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଏଥିସହିତ ଏକ ଖାଦ୍ୟ ମେଳାର ଆୟୋଜନ ହୋଇଥିଲା। ବିଦ୍ୟାଳୟର ପ୍ରୋ ଭାଇସ ଚେୟାରମ୍ୟାନ ବିନୋଦ ଦାଶ ଓ ନିର୍ଦ୍ଦେଶକ ଲଗ୍ନଜିତ ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ପିଲାମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ ସହ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।


ଡିପିଏସ୍‌ରେ ଶିଶୁ ଦିବସ ପାଳନ କରାଯାଉଛି।

# ୩ଶହ ଭିନ୍ନକ୍ଷମ ଚିହ୍ନଟ

ସାତମାଇଲ,୧୪।୧୧
(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଭିନ୍ନକ୍ଷମମାନେ ଆସି ଶିବିରରେ ନିଜର ନାମ ପଞ୍ଜୀକରଣ କରିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ୩୦୨ ଜଣ ଭିନ୍ନକ୍ଷମ ଯୋଗ ଦେଇଥିବାବେଳେ ୩୦୦ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ତିନି ଚକିଆ ସାଇକେଲ, ଜଣକୁ ଗୋଟିଏ ହୁଇଲି ଚେୟାର ପ୍ରଦାନ କରାଯାଇଥିଲା। ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମିୟକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବିଭାଗୀୟ ଅଧିକାରୀ ମୁକେଶ କୁମାର ରଥ ପରିଚାଳନା କରିଥିଲେ। ବ୍ଲକର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ ଉପସ୍ଥିତ ଥିଲେ।


ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ମଞ୍ଚାସୀନ ଅତିଥିମାନେ।

# ଦେଶ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ଶିଶୁ ଦିବସ ପାଳନ ଅବସରରେ କାନପୁରା ସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ।

କାମାକ୍ଷାନଗର,୧୪।୧୧
(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାନପୁରା ସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ତତ୍ତ୍ୱାବଧାନରେ ଶିଶୁ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ପଣ୍ଡିତ ଉପେନ୍ଦ୍ର ନାଥ ପଣ୍ଡା ଯୋଗ ଦେଇ ସୁନ୍ଦର ଦେଶ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ଦିଲୀପ କୁମାର ଦାଶ ଯୋଗ ଦେଇଥିଲେ। ଶିକ୍ଷକ ନିରଞ୍ଜନ ସାହୁ ସ୍ୱାଗତ କରିଥିବା ବେଳେ ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ କବିତା ରାଉତ, ଶିକ୍ଷା କର୍ମଚାରୀ ଗିରିଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନାଳରେ ବୁଡ଼ି ଜଣେ ମୃତ

କାମାକ୍ଷାନଗର,୧୪।୧୧
(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ ବ୍ଲକ କଲଦା ନାଳରେ ବୁଡ଼ି କଣ୍ଟାପାଳ କଲୋନୀ-୩ର ହାଡ଼ିବନ୍ଧୁ ଦେହୁରୀ (୪୨) ପ୍ରାଣ ହରାଇଛନ୍ତି। ହାଡ଼ିବନ୍ଧୁ ନିଜ ସମ୍ପର୍କୀୟ କଲଦା ଗ୍ରାମରେ ଦୀର୍ଘ ୨ ବର୍ଷ ହେବ ରହୁଥିଲେ। ମଙ୍ଗଳବାର ସକାଳେ କଲଦା ନାଳକୁ ଶୌଚ ପାଇଁ ଯାଇଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ। ଘରକୁ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଗ୍ରାମ ନିକଟସ୍ଥ କଲଦା ନାଳରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିଥିଲେ। କଙ୍କଡାହାଡ଼ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ସଚେତନ ହେଲେ କୁସଂସ୍କାର ଦୂର ହେବ

ଭୁବନ,୧୪।୧୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜରେ ମଙ୍ଗଳବାର ଜିଲାସ୍ତରୀୟ ଯୁବ ରେଡକ୍ରସ୍ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ଶିବିର ୩ଦିନ ଧରି ଚାଲିବ। ଶିବିରରେ ଢେଙ୍କାନାଳ ଜିଲାର ୨୫ ଟି କଲେଜର ୧୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଅଜିତ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନ ବିଡିଓ କଲ୍ୟାଣ ସୌରଭ ଦାସ ଯୋଗଦେଇ ଯୁବପିଢି ସଚେତନ ହେଲେ ସମାଜରୁ କୁସଂସ୍କାର ଦୂର ହେବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଯୁବ ରେଡକ୍ରସର ସଂଯୋଜକ ପ୍ରଫେସର ଗୋପାଳ କୃଷ୍ଣ ମିଶ୍ର, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲା ଯୁବ ରେଡକ୍ରସ ସମ୍ପାଦକ ଡ. ଭୁପେସ କୁମାର ସାହୁ ଯୋଗଦେଇଥିଲେ। ଯୁବ ପରାମର୍ଶଦାତା ପ୍ରଭାତ ଜେନା ପରିଚାଳନା କରିଥିଲେ। ଅଧ୍ୟାପକ ସଞ୍ଜୟ ସାହୁ, ସୁବାସ ପତି, କର୍ମଚାରୀ ସୌମ୍ୟରଞ୍ଜନ ରାୟ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଯୁବ ପରାମର୍ଶ ଦାତା ପ୍ରତାପ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବାଜି ରାଉତ କଲେଜରେ ଜିଲାସ୍ତରୀୟ ଯୁବ ରେଡକ୍ରସ୍ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିମାନେ।

# 'କଳା ସଂସ୍କୃତିକୁ ଉଜ୍ଜୀବିତ କରିବ ରାମଲୀଳା'



କାମାକ୍ଷାନଗର,୧୪।୧୧
(ଅମଜାଦ ଖାନ)

କାମାକ୍ଷାନଗର ବ୍ଲକ ଅଁଳାବେରେଣୀ ବଜାରରେ ମା' ଶ୍ୟାମାକାଳୀଙ୍କ ପୂଜା ପାଳିତ ହେଉଛି। ଦୀର୍ଘ ୬ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଏହି ପୂଜା ପାଳନ ହୋଇଆସୁଛି। ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ଅଁଳାବେରେଣୀଠାରେ ତତ୍କାଳୀନ ବ୍ୟବସାୟୀ ରାଧାରମଣ କଟାରୁକା ଏକାକୀ ଆରମ୍ଭ କରିଥିଲେ ମା'ଙ୍କ ପୂଜା। ତାଙ୍କ ଅନ୍ତେ ତାଙ୍କ ସୁପୁତ୍ର ମଙ୍ଗତ ଲାଲ କଟାରୁକାଙ୍କ ତତ୍ତ୍ୱାବଧାନରେ ବଜାର କମିଟି ଦ୍ୱାରା ମା' କାଳୀଙ୍କ ପୂଜା ହୋଇ ଆସୁଛି। ଦୀପାବଳିଠାରୁ ଆରମ୍ଭ ହୋଇଥିବା ଏହି ପୂଜାରେ ଓଡ଼ିଆ କଳା ସଂସ୍କୃତି ଓ ପରମ୍ପରାକୁ ଦୃଷ୍ଟିରେ ରଖି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ମଙ୍ଗଳବାର ମଞ୍ଚସ୍ଥ ହୋଇଥିଲା ସମ୍ପୂର୍ଣ୍ଣ ରାମଲୀଳା। ଆଧୁନିକ ସମାଜରେ ଲିଭିଯାଉଥିବା ଓଡ଼ିଆ ଲୋକ କଳା ସଂସ୍କୃତିକୁ 'ସମ୍ପୂର୍ଣ୍ଣ ରାମଲୀଳା' ଦ୍ୱାରା ଉଜ୍ଜୀବିତ କରାଯାଇପାରିବ ବୋଲି ବଜାର କମିଟି ସଭାପତି ଭୋଳେଶ୍ୱର ପାଣି କହିଛନ୍ତି। ସମାଜରୁ ଅପସଂସ୍କୃତିକୁ ଦୂର କରିବା ପାଇଁ ସମସ୍ତେ ଏଭଳି ପଦକ୍ଷେପ ନେବା ଉଚିତ ବୋଲି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ମତବ୍ୟକ୍ତ କରିଛନ୍ତି। କମିଟି ସଦସ୍ୟ ସଂଖ୍ୟା ଅଳ୍ପ ହେଲେ ମଧ୍ୟ ଦୃଢ଼ ମନୋବଳ ଯୋଗୁ ଏହା ସମ୍ଭବ ହୋଇପାରୁଛି ବୋଲି କୋଷାଧ୍ୟକ୍ଷ ସରୋଜ କୁମାର ନାୟକ କହିଛନ୍ତି। ୧୭ ତାରିଖରେ ମା'ଙ୍କୁ ମେଲାଣି ଦିଆଯିବ ବୋଲି କମିଟି ତରଫରୁ ସୂଚନା ମିଳିଛି।

# ଉନ୍ନତ ରାଷ୍ଟ୍ର ଗଠନରେ ଭବିଷ୍ୟତ ପିଢ଼ିଙ୍କ ଗୁରୁଦାୟିତ୍ୱ ରହିଛି

## ବ୍ରାହ୍ମଣୀ ପବ୍ଲିକ ସ୍କୁଲରେ ଶିଶୁ ଦିବସ

ଢେଙ୍କାନାଳ,୧୪।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦ ଠାରେ ଥିବା ବ୍ରାହ୍ମଣୀ ପବ୍ଲିକ ସ୍କୁଲରେ ମଙ୍ଗଳବାର ଶିଶୁ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ମୁଖ୍ୟ ଅତିଥିଙ୍କ ସହିତ ଅନ୍ୟ ଅତିଥିମାନେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଉତ୍ସବକୁ ଉଦ୍‌ଘାଟନ କରିବା ସହ କହିଲେ ଯେ, ଉନ୍ନତ ରାଷ୍ଟ୍ର ଗଠନରେ ଭବିଷ୍ୟତ ପିଢିଙ୍କ ଗୁରୁଦାୟିତ୍ୱ ରହିଛି। ଏଥିସହିତ ସେ ଶିଶୁ ଦିବସ ପାଳନର ଉଦ୍ଦେଶ୍ୟ ଓ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟର ଚେୟାରମ୍ୟାନ୍ ଗଙ୍ଗାଧର ସାମଲ କହିଲେ, ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରାଜ୍ୟ ଓ ସର୍ବ ଭାରତୀୟ ସ୍ତରରେ କୀର୍ତ୍ତିମାନ ସ୍ଥାପନ କରି ଏହି ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏଭଳି ପ୍ରୟାସ ଆଗକୁ ଜାରି ରହୁ। ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ବିଜୟ କୁମାର ଧଳ, ନରେନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରିନ୍ସିପାଲ ଡ. ନିହାର ରଞ୍ଜନ ସିଂ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା କାଳୀୟଦଳନ, ସମୁଦ୍ର ମନ୍ଥନ, ଦଶ ଅବତାର ଓ ଶିବ ତାଣ୍ଡବ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ପୁସ୍ତକମେଳା ଓ ଫୁଡଫେଷ୍ଟର ମଜା ନେଇଥିଲେ ଛାତ୍ରୀଛାତ୍ର ଓ ଅଭିଭାବକ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁସ୍ତକ ମେଳାରେ ୧୦ ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ପୁସ୍ତକ କିଣିବା ସହିତ ବିଦ୍ୟାଳୟର ବୁକ୍ ବ୍ୟାଙ୍କକୁ କିଛି ପୁସ୍ତକ ଦାନ କରିଥିଲେ। ବରିଷ୍ଠ ଶିକ୍ଷକ ନାରାୟଣ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଏନ୍‌ସିସି କ୍ୟାଡେଟ୍, ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ଓ ଜୁନିୟର ରେଡକ୍ରସ ବାହିନୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅବସରରେ ଅତିଥିମାନେ।


ବ୍ରାହ୍ମଣୀ ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳନ ଅବସରରେ ଶିଶୁମାନେ।

